# ପୋଖତା ମାଛ ସଂଗ୍ରହ, ପରିବହନ ଏବଂ ରକ୍ଷଣାବେକ୍ଷଣ

ପୋଖତା ମାଛ ହେଉଛି ବଡ଼ ମାଛ, ଯାହାକି ପ୍ରଜନନ ପାଇଁ ବ୍ୟବହାର କରାଯାଏ। ବହୁତ ଗୁଡ଼ିଏ ହ୍ୟାଚେରୀ ପୋଖତା ମାଛ ରଖି ପାରନ୍ତି ନାହିଁ, କାହିଁକି ନା ପୋଖତା ମାଛର ଦାମ ଅଧିକ ପୁଣି ତାହା ସହଜରେ ଚୋରୀ ହୋଇଯାଏ। ସେଗୁଡ଼ିକ ରଖିବା ପାଇଁ ବହୁତ ଅଧିକ ସ୍ଥାନର ପ୍ରୟୋଜନ ପୁଣି ଖାଦ୍ୟର ଦାମ ମଧ ବହୁତ ଅଧିକ।



ଯେଉଁ ହ୍ୟାଚେରୀ ଗୁଡ଼ିକରେ ପୋଖତା ମାଛ ନଥାଏ, ସେମାନେ ଆଖପାଖ ପୋଖରୀ, ଟେଙ୍କ ଓ ଛୋଟ ଜଳାଶୟ ମାନଙ୍କରୁ ବଡ଼ମାଛ ସଂଗ୍ରହ କରିଥାନ୍ତି।

କେବେ ମୁଁ ପୋଖତା ମାଛ ସଂଗ୍ରହ କରିବି ?



ଯଦି ତୁମେ ଋତୁର ଆଗରୁ ପୋଖତା ମାଛ ସଂଗ୍ରହ କରିବ, ତେବେ ତାକୁ କିଛି ଦିନ ପାଇଁ ଛୋଟ ପୋଖରୀରେ ରଖିବା ଆବଶ୍ୟକ, ତାର ଅବସ୍ଥାର ଉନ୍ନତି ପାଇଁ। ପୋଖତା ମାଛ ସିଧାସଳଖ ପ୍ରଜନନ କୁଣ୍ଡରେ ମଧ ଛଡ଼ା ଯାଇ ପାରିବ ପ୍ରଜନନ ପାଇଁ।

## ପୋଖତା ମାଛର ସଂଗ୍ରହ

ପୂର୍ବରୁ ମୋ ପାଖରେ କେବେ ପୋଖତା ମାଛ ନଥିଲା, ତେଣୁ ମୁଁ ନିଜେ କଣ ସେଗୁଡ଼ିକୁ ସମ୍ଭାଳି ପାରିବି ?

ପୋଖତା ମାଛକୁ ବହୁତ ଯତ୍ନର ସହିତ ସମ୍ଭାଳିବା ଦରକାର, ତେଣୁ ତୁମେ ଜଣେ ଅଭିଜ୍ଞ ମାଛଚାଷୀ ପାଖରୁ ତାହା ଶିକ୍ଷା କରିବ।

କ୍ଷତବିକ୍ଷତ ମାଛ ସଂକ୍ରମୀତ ହୋଇ ଯାଆନ୍ତି ଏବଂ ସେଗୁଡ଼ିକ ମରିଯାଇ ପାରନ୍ତି।

ଡିମ୍ବ ଧାରଣ କରୁଥିବା ମାଛକୁ ଅଯତ୍ନରେ ରଖିଲେ ତାହା ପ୍ରଜନନ କ୍ଷମ ହୋଇ ପାରେ ନାହିଁ।

କିପରି ପୋଖତା ମାଛ ସଂଗ୍ରହ କରାଯାଇ ପାରେ ?

ସବୁଠାରୁ ଉତ୍ତମ ଉପାୟ ହେଉଛି ସକାଳ ସମୟରେ ଯେତେବେଳେ କି ପାଗ ଥଣ୍ଡା ଥିବ, ସେତେବେଳେ ଭିଡ଼ା ଜାଲ ଦ୍ୱାରା ଏହା ସଂଗ୍ରହ କରିବା

ମାଛ ଧରା ହେଲା ପରେ ତାକୁ ସେହି ପାଣିରେ ଜାଲର ଘେର କିମ୍ବା ହାପା ମଧ୍ୟରେ ୧ରୁ ୨ ଘଣ୍ଟା ରଖିବା ଉଚିତ୍।

ଯାହା ଫଳରେ ସେମାନେ ଅଳ୍ପ ସ୍ଥାନରେ ରହିବା ପାଇଁ ଅଭ୍ୟସ୍ତ ହୁଅନ୍ତି ପୁଣି ବାହାରକୁ ଖସି ଯିବାର ଚେଷ୍ଟା କରନ୍ତି ନାହିଁ, (ଯାହା ଫଳରେ ସେମାନେ କ୍ଷତବିକ୍ଷତ ମଧ ହୁଅନ୍ତି ନାହିଁ) ସେ ସ୍ଥାନରେ ସେମାନେ ମଳ ତ୍ୟାଗ ମଧ କରିଥାନ୍ତି, ଯାହାଫଳରେ ପରିବହନ ସମୟରେ ସେମାନେ ପାଣିକୁ ମଇଳା କରନ୍ତି ନାହିଁ।



ମୁଁ କ'ଣ ପୋଖତା ମାଛକୁ ଗୋଟିଏ ହାପାରେ ରଖିପାରେ ?

ମାଛକୁ ବହୁତ ସମୟ ପର୍ଯ୍ୟନ୍ତ ହାପାରେ ରଖନ୍ତୁ ନାହିଁ। ସେଥିରେ ସ୍ଥାନ ଓ ଅକ୍ସିଜାନ୍‌ର କମ ହୋଇଥାଏ ଏବଂ ସେଥିରେ ସେଗୁଡ଼ିକ ବହୁତ ମଳ ତ୍ୟାଗ କରିଥାନ୍ତି।

ମାଛ ଗୁଡ଼ିକ ବହୁତ ସମୟ ଧରି ହାପାରେ ରଖିଲେ ସେମାନଙ୍କ ଶରୀରରେ ଜୋର ପଡ଼େ ଏବଂ ସେଗୁଡ଼ିକ ହାପାରେ ମରିଯାଇ ପାରନ୍ତି କିମ୍ବା ଯେତେବେଳେ ସେମାନଙ୍କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଏ ଅବା ଯେଉଁ ପୋଖରୀରେ ସେଗୁଡ଼ିକୁ ସଂଗ୍ରହ କରାଯାଏ ସେଠାରେ ସେଗୁଡ଼ିକ ମରିଯାଇ ପାରନ୍ତି।

୩ ରୁ ୪ କେଜି ମାଛକୁ କିଛି ଘଣ୍ଟା ପାଇଁ ହାପାରେ ରଖାଯାଇ ପାରେ, ହ୍ୟାଚେରୀକୁ ସ୍ଥାନାନ୍ତରିତ କରିବା ପୂର୍ବରୁ।

ଯଦି ମାଛକୁ ଦୂର ସ୍ଥାନକୁ ସ୍ଥାନାନ୍ତରିତ କରାଯାଏ ତେବେ ସେମାନଙ୍କୁ ବଡ଼ ଫାଙ୍କ ବାଲା ଜାଲର ଘେରରେ ରଖିବା ଦରକାର।

## ପୋଖତା ମାଛର ପରିବହନ



## ମାଛର ପରିବହନ ପାଇଁ ସବୁଠାରୁ ଭଲ ହେଉଛି ଫାଇବାର ଗ୍ଲାସର ପାତ୍ର

- ମତ୍ସ୍ୟ ପରିବହନ ପାଇଁ ଫାଇବାର ଗ୍ଲାସର ପାତ୍ରଗୁଡ଼ିକ ବିଶେଷ ଭାବରେ ତିଆରି କରାଯାଇଛି ।
- ଫାଇବାର ଗ୍ଲାସ ବହୁତ ମଜ୍‌ବୁତ ଓ ହାଲୁକା ।
- ସେହି ପାତ୍ରଗୁଡ଼ିକ ଗୋଟିଏ ଛୋଟ ସମତଳ ଟ୍ରକରେ ରଖାଯାଇ ପାରିବ ଏବଂ ସେଥିରେ ସହଜରେ ଏକତ୍ର ଭାବରେ ଏରେଟର, ଅକ୍ସିଜାନ୍ ସିଲିଣ୍ଡାର ଏବଂ ଡ଼ିଫିଉଜାର ବ୍ୟବହାର କରାଯାଇ ପାରିବ ।

ମାଛଗୁଡ଼ିକୁ ଗୋଟିଏ କୁଣ୍ଡରେ ରଖି ସମତଳ ଟ୍ରକରେ ପରିବହନ କରାଯାଏ । କୁଣ୍ଡ ଭିତରେ ଗୋଟିଏ ହାପା ରଖିଦେଲେ ମାଛକୁ ଧରି ବାହାର କରିବା ପାଇଁ ସୁବିଧା ହୁଏ ।



ଯେତେବେଳେ ଟ୍ରକଟି ହ୍ୟାଚେରୀ ପାଖରେ ପହଞ୍ଚେ ସେତେବେଳେ ମାଛଗୁଡ଼ିକୁ ଅତି ଯତ୍ନ ପୂର୍ବକ ସଂଗ୍ରହ ଟେଙ୍କ କୁ ସ୍ଥାନାନ୍ତରିତ କରାଯାଏ ।



ମାଛଗୁଡ଼ିକୁ ଗୋଟିଏ ହାତ ଜାଲ ଅଥବା ହାପା ସାହାଯ୍ୟରେ ବାଲଟିରେ ରଖି ସଂଗୃହିତ ଟେଙ୍କକୁ ନିଆଯାଏ ।

୫ ଲିଟର ପାଣିରେ ଏକ ଚାହା ଚାମୁଚର ୧/୮ ଭାଗ ପୋଟାସ୍ ମିଶାଇ ସେହି ପାଣିରେ ମାଛଗୁଡ଼ିକୁ ବୁଡ଼ାଇ ଉଠାଯାଏ ।



### ମାଛର ସ୍ଥାନାନ୍ତରଣର କିଛି ମହତ୍ତ୍ୱପୂର୍ଣ୍ଣ ଟିପ୍ପଣୀ :

- ଟେଙ୍କଟି ପୂର୍ଣ୍ଣ ମାତ୍ରାରେ ପାଣିରେ ପୂର୍ଣ୍ଣ ହେବା ଆବଶ୍ୟକ ଯାହାଫଳରେ ମାଛଗୁଡ଼ିକ କ୍ଷତବିକ୍ଷତ ହେବେ ନାହିଁ ।
- ଟେଙ୍କ ଭିତରେ ଗୋଟିଏ ହାପା ରଖିଲେ ମାଛଗୁଡ଼ିକ ବାହାର କରିବା ପାଇଁ ସୁବିଧା ହୁଏ ଓ ମାଛ ଉପରେ ଜୋର ପଡ଼େ ନାହିଁ ।
- ପାଣିର ତାପମାତ୍ରା ସେହି ପୋଖରୀ ପାଣିର ତାପମାତ୍ରା ସହ ସମାନ କିମ୍ବା ସାମାନ୍ୟ ଥଣ୍ଡା ହେବା ଆବଶ୍ୟକ ।
- ଯଦି ପାଣି ଭିତରେ ବୁଲ୍‌ବୁଲା ସାହାଯ୍ୟରେ ଅକ୍ସିଜାନ୍ ଦିଆଯାଏ ତେବେ ମାଛ ପାଇଁ ତାହା ଯଥେଷ୍ଟ ହେବ ।

ସଂଗୃହୀତ କରିବା ଟେଙ୍କଟିକୁ ସଂପୂର୍ଣ୍ଣ ଭାବରେ ପ୍ରସ୍ତୁତ କରିବା ଆବଶ୍ୟକ, ସେହି ଟେଙ୍କର ପାଣିର ତାପ, ମାଛ ଗୁଡ଼ିକ ଆସୁଥିବା ପୋଖରୀର ପାଣିର ତାପରୁ ଟିକେ ଥଣ୍ଡା ଥିବା ଦରକାର ।



ଟେଙ୍କ ଭିତରେ ଗୋଟିଏ ହାପାରେ ମାଛଗୁଡ଼ିକ ରଖିବା ଦରକାର, ଯାହା ଦ୍ୱାରା ଯଦି ମାଛ ବାଛିବା ଦରକାର ପଡ଼େ ବା ଧରିବା ପାଇଁ ଏହା ସୁବିଧା ହୁଏ ।

ସାୱାର ଦ୍ୱାରା ଅକ୍ସିଜେନ୍‌କୁ ପାଣିରେ ମିଶାଇଲେ ଏହା ପାଣିକୁ ବୁଲେଇବାରେ ସାହାଯ୍ୟ କରେ ଏବଂ ବର୍ଷା ଜଳ ପରି ପ୍ରଜନନ ପାଇଁ ଉତ୍ତେଜିତ କରେ ।

ଟେଙ୍କକୁ ଗୋଟିଏ ଜାଲ ଦ୍ୱାରା ଘୋଡ଼ାଇବା ଦରକାର ଯାହାଫଳରେ ମାଛମାନେ ବାହାରକୁ ଡ଼େଇଁ ପାରିବେ ନାହିଁ ।



# ପୋଖତା ମାଛର ସଂଗ୍ରହ ପରେ

**କେଉଁ ପୋଖରୀରେ ପୋଖତା ମାଛକୁ ରଖାଯାଇ ପାରିବ ?**

ପୋଖତା ମାଛ ଗୁଡ଼ିକୁ ସାଧାରଣତଃ ବର୍ଷସାରା ପାଣି ରହୁଥିବା ପୋଖରୀରେ ବୃଦ୍ଧି କରାଯାଏ ଯାହାର ଆକାର ୫୦-୧୨୫ ଡ଼େସିମାଲ (୦.୨ରୁ ୦.୫ ହେକ୍ଟର) ଏବଂ ୨ରୁ ୩ ମିଟର ଗଭୀର ହୋଇଥିବ।

**ପୋଖତା ମାଛକୁ ସଂଗ୍ରହ କରି ରଖାଯାଏ କି ?**

ଗୋଟିଏ ବଡ଼ ହ୍ୟାଚେରୀ ବର୍ଷ ସାରା ପୋଖତା ମାଛକୁ ରଖେ ପୁଣି ସବୁଠାରୁ ଉତ୍ତମ ମାଛକୁ ପ୍ରଜନନ ପାଇଁ ବଛାଯାଏ।

ମାତ୍ର ଗୋଟିଏ ଛୋଟ ହ୍ୟାଚେରୀ ପ୍ରଜନନ ଋତୁ ପୂର୍ବରୁ ଅର୍ଥାତ୍ ଫେବ୍ରୁୟାରୀ ଅଥବା ମାର୍ଚ୍ଚରେ ପୋଖତା ମାଛ କିଣି ଉତ୍ତମ ଉର୍ବରା ପୋଖରୀ ଯାହା କି ଅନ୍ୟ ମାଛରୁ ମୁକ୍ତ ଥାଏ ସେଥିରେ ରଖେ।

ମାତ୍ର ଅତି ଛୋଟ ହ୍ୟାଚେରୀ ପୋଖତା ମାଛ କିଣି ସିଧାସଳଖ ପ୍ରଜନନ ପାଇଁ ପ୍ରଜନନ କୁଣ୍ଡରେ ଛାଡ଼ିଥାନ୍ତି।




**ସାର ବା ଖତ ବିଷୟରେ ?**

ଏଠାରେ ୩ଗୋଟି ଉପାୟ ଅଛି ଯାହା ଦ୍ୱାରା ପୋଖରୀକୁ ଉର୍ବରା କରାଯାଇ ପାରିବ ଏବଂ ମାଛମାନଙ୍କ ପାଇଁ ଖାଦ୍ୟ ଉତ୍ପାଦନ କରାଯାଇ ପାରିବ:

- ପୂର୍ବ ଭାରତରେ ବହୁତ ମହୁଲ ଗଛ ରହିଛି, ଲୋକମାନେ ମହୁଲ ମଞ୍ଜିରୁ ତେଲ ପାଇଥାନ୍ତି ପୁଣି ମହୁଲ ତେଲର ପିଡ଼ିଆ ମଧ୍ୟ ମିଳିଥାଏ। ମାଛ ଛାଡ଼ିବା ପୂର୍ବରୁ ପୋଖରୀରେ ତୁମେ ମହୁଲ ପିଡ଼ିଆ ପକାଇ ପାରିବ। ଡ଼େସିମାଲ ପ୍ରତି ୧୦ କେଜି ପିଡ଼ିଆ ପକାଇଲେ ଅଦରକାରୀ ମାଛ ଓ ପୋକଜୋକ ମରିଯାଆନ୍ତି। ୧୦ରୁ ୧୫ ଦିନ ପରେ ଏହି ପାଣିରେ ଆଉ ଟକସିନ ରହେନାହିଁ, ମାତ୍ର ଏହା ଏକ ଉତ୍ତମ ସାର ବା ଖତ ଭାବରେ ପୋଖରୀରେ ବ୍ୟବହୃତ ହୁଏ। ଏହା ବହୁତ ପରିମାଣରେ ଜୁ ପ୍ଲାଂକ୍‌ଟନ୍ ତିଆରୀ କରେ ଯାହାକୁ ଭାକୁର ମାଛ ଖାଏ (ଯଦି ପୋଖରୀରେ ଅଦରକାରୀ ମାଛ ନଥାଏ ତେବେ ଡ଼େସିମାଲ ପ୍ରତି ୫ କେଜି ମହୁଲ ପିଡ଼ିଆ ଯଥେଷ୍ଟ)
- ପୋଖରୀରେ ଗୋବର ଖତ ଅଥବା ଗୋବର ଖତ ଓ କୁକୁଡ଼ା ମଳ ଖତ ର ମିଶ୍ରଣକୁ ପକାଇଲେ ପାଣି ଶାଗୁଆ ରଙ୍ଗର ହୁଏ ଯେଉଁଥିରେ ଫାଇଟୋ ପ୍ଲାଂକଟନ୍ ପୂର୍ଣ୍ଣ ମାତ୍ରାରେ ଥାଏ ଯାହାକି ରୋହି ଓ ସିଲଭର କାରପ୍ (ରୁପା ପୋଟି)ର ଖାଦ୍ୟ, ଏହା କିଛି ସପ୍ତାହରେ ପ୍ରସ୍ତୁତ ହୋଇଥାଏ।
- ଅନେକ ସମୟରେ ମାଛଚାଷୀମାନେ ଥଳିରେ ସାର ବ୍ୟବହାର କରିଥାନ୍ତି (ଏନ୍.ପି.କେ.) ଏହା ଖୁବ୍ ଶୀଘ୍ର ପ୍ଲାଂକ୍‌ଟନ୍ ତିଆରୀ କରେ ମାତ୍ର ଏଥିରେ ଗୋଟିଏ ଅସୁବିଧା ହେଉଛି ଏହା ବହୁତ ଶୀଘ୍ର ବ୍ୟବହୃତ ହୋଇଥାଏ, ଅନେକ ସମୟରେ ପ୍ଲାଂକ୍‌ଟନ୍‌ଗୁଡ଼ିକ ବହୁତ ମାତ୍ରାରେ ମରିଯାଆନ୍ତି। ଏହା ଦ୍ୱାରା ପୋଖରୀର ଅକ୍ସିଜାନ୍ ମାତ୍ରା କମ୍ ହୋଇଯାଏ ଓ ମାଛମାନେ ମଧ୍ୟ ମରିଯାଇ ପାରନ୍ତି।




**ଖାଦ୍ୟ ବିଷୟରେ ?**

ପୋଖତା ମାଛକୁ ତୁମେ ପ୍ରତିଦିନ ଖାଦ୍ୟ ଦେଇ ପାରିବ। ଭୋର ସକାଳେ ଓ ସନ୍ଧ୍ୟାବେଳେ ଧାନ, କୁଣ୍ଡା ଓ ଚିନାବାଦାମ ପିଡ଼ିଆର ଏକ ମିଶ୍ରଣ କରି।

| ମୋ ପୋଖରୀର ଆକାର | ୫ ଡ଼େସିମାଲ | ୭.୫ ଡ଼େସିମାଲ | ୧୦ ଡ଼େସିମାଲ | ୧୨.୫ ଡ଼େସିମାଲ |
|---|---|---|---|---|
| ମାଛ | ୩୦ କେଜି | ୪୫ କେଜି | ୬୦ କେଜି | ୭୫ କେଜି |
| ଧାନକୁଣ୍ଡା | ୩୦୦ ଗ୍ରାମ୍ | ୪୫୦ ଗ୍ରାମ | ୬୦୦ ଗ୍ରାମ | ୭୫୦ ଗ୍ରାମ |
| ଏବଂ ଚିନାବାଦାମ ପିଡ଼ିଆ | ୩୦୦ ଗ୍ରାମ୍ | ୪୫୦ ଗ୍ରାମ | ୬୦୦ ଗ୍ରାମ | ୭୫୦ ଗ୍ରାମ |

ମୋ ପୋଖରୀ ୧୦ ଡ଼େସିମାଲ ସେଥିରେ ପୋଖତା ମାଛ ରହିଛି ୬୦ କେଜି। ମୋର ସେମାନଙ୍କୁ ୧.୨ କେଜି ଖାଦ୍ୟ ପ୍ରତିଦିନ ଦେବା ଆବଶ୍ୟକ। ସକାଳେ ଅଧା ଓ ସନ୍ଧ୍ୟାବେଳେ ଅଧା

| ମୋ ପୋଖରୀର ଆକାର | ୭.୫ ଡ଼େସିମାଲ | ୧୦ ଡ଼େସିମାଲ | ୧୨.୫ ଡ଼େସିମାଲ |
|---|---|---|---|
| ମାଛ | ୪୫ କେଜି | ୬୦ କେଜି | ୭୫ କେଜ |
| ଧାନକୁଣ୍ଡା | ୪୫୦ ଗ୍ରାମ | ୬୦୦ ଗ୍ରାମ | ୭୫୦ ଗ୍ରାମ |
| ଏବଂ ଚିନାବାଦାମ ପିଡ଼ିଆ | ୪୫୦ ଗ୍ରାମ୍ | ୬୦୦ ଗ୍ରାମ୍ | ୭୫୦ ଗ୍ରାମ୍ |



**ପାଣିର ଗୁଣବତ୍ତା ସଠିକ୍ ଅଛି ବୋଲି କିପରି ଜାଣିବି ?**

ଯେତେବେଳେ ପାରୁଛ ପୋଖରୀକୁ ପାଣିରେ ପୂର୍ଣ୍ଣ ରଖ। ଖାଦ୍ୟ ଉପଯୁକ୍ତ ମାତ୍ରାରେ ଦିଅ ମାତ୍ର ପାଣି ଯେପରି ଖରାପ ନ ହୁଏ ସେ ପ୍ରତି ଧ୍ୟାନ ଦିଅ। ଅତ୍ୟଧିକ ଖାଦ୍ୟ ଦେବା ଦ୍ୱାରା ପାଣିର ଅକ୍ସିଜାନ ସେମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ, ଯାହା ମାଛମାନଙ୍କ ପାଇଁ ମଧ୍ୟ ପ୍ରୟୋଜନ।

**ମାଛଗୁଡ଼ିକ ପ୍ରଜନନ ପାଇଁ ପ୍ରସ୍ତୁତ ଅଛନ୍ତି କି ?**

ଯଦି ତୁମେ ପୋଖତା ମାଛର ଦେଖାଚାହାଁ ଭଲ ଭାବରେ କରିବ, ତେବେ ବର୍ଷାଋତୁ ପୂର୍ବରୁ ମାଛଗୁଡ଼ିକ ଡିମ୍ବ ଛାଡ଼ିବା ପାଇଁ ସକ୍ଷମ ହେବେ। ଯଦି ତୁମେ ପୋଖତା ମାଛକୁ ଭଲ ଭାବରେ ଖାଦ୍ୟ ଦେବ ଓ ପାଣି ପରିଷ୍କାର ରଖିବ ତେବେ ସେହି ପୋଖତା ମାଛ ପୁନର୍ବାର ୨ ମାସ ପରେ ପ୍ରଜନନ ପାଇଁ ପ୍ରସ୍ତୁତ ହୋଇ ପାରିବ।




## ଦରକାରୀ ଯୋଗାଯୋଗ !

### ଆହୁରି ଅଧିକ ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା

ଏହି ଶୃଙ୍ଖଳାରେ ଆହୁରି ଅନେକ ଗୁଡ଼ିକ ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା ରହିଛି । ଆପଣ ଏହି ସଂଖ୍ୟାର ଓ ଅନ୍ୟ ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକାର ପ୍ରତିଲିପି ଗୁଡ଼ିକ ପାଇ ପାରିବେ ଆପଣଙ୍କର ସ୍ଥାନୀୟ ମତ୍ସ୍ୟସେବା କେନ୍ଦ୍ରରୁ, ଷ୍ଟ୍ରୀମ ଇଣ୍ଡିଆ ସଂଚାର କେନ୍ଦ୍ରରୁ, ଷ୍ଟ୍ରୀମ୍‌ର ଆଞ୍ଚଳିକ ଅଫିସ୍‌ରୁ ଓ ଷ୍ଟ୍ରୀମ ୱେବ ସାଇଟ୍‌ରୁ *www.streaminitiative.org*

ଆମର ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା ଉପରେ ଆପଣଙ୍କର ମତାମତ ଆମ୍ଭେମାନେ ଜାଣିବା ପାଇଁ ଇଚ୍ଛୁକ । ଆପଣ ସେ ବିଷୟରେ ଆମକୁ ଜଣାଇ ପାରିବେ, ଫୋନ୍ ଦ୍ୱାରା, ଇ ମେଲ୍ ଦ୍ୱାରା, ଅଥବା ପତ୍ର ଦ୍ୱାରା, ଷ୍ଟ୍ରୀମ୍‌ର ଦେଶୀୟ କାର୍ଯ୍ୟାଳୟରେ ସଂଚାର କେନ୍ଦ୍ର ପ୍ରବନ୍ଧକଙ୍କୁ ଜଣାଇ ପାରିବେ ।

**ଆପଣଙ୍କ ସ୍ଥାନୀୟ ମତ୍ସ୍ୟ ସେବା କେନ୍ଦ୍ରର ଠିକଣା :**

### ଷ୍ଟ୍ରୀମ୍ କଂଟ୍ରୀ ଅଫିସର ଠିକଣା :

ଷ୍ଟ୍ରୀମ୍ କଂଟ୍ରୀ ଅଫିସ (ଭାରତ)
ଡିଉପ୍ଲେକ୍ସ – ୦୨ ଟି.ଏସ୍.ହୋମସ୍
ଚକ୍ରପାଣି ରୋଡ଼
ଭୁବନେଶ୍ୱର – ୧୮
ଫୋନ୍: ୦୬୭୪ - ୨୩୮୧୮୫୧
ଫେକ୍ସ : ୦୬୭୪- ୨୩୮୧୮୫୨
ଇ-ମେଲ: *streamin@sancharnet.in*

20421

### ୱାଲଫ ଅଫିସର ଠିକଣା :

STREAM | Support to Regional Aquatic Resources Management

nr international